# ପୌର ପରିଷଦ କାର୍ଯ୍ୟାଳୟ : ବ୍ରଜରାଜନଗର

## OFFICE OF MUNICIPAL COUNCIL : BRAJRAJNAGAR

At/Po- Lamtibahal Dist- Jharsuguda, Odisha Phone No- 8457812260 Mail- eobrjnmpl@gmail.com

## ବିଜ୍ଞାପନ

ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ଉପଖଣ୍ଡ ବ୍ରଜରାଜନଗର ଙ୍କ ପତ୍ର ସଂଖ୍ୟା ୩୮୦୧ ତା: ୦୯/୧୨/୨୦୨୫ ଅନୁଯାୟୀ **ସାତ ଗୋଟି (୦୭)** "ଜଳସାଥୀ" ଚୟନ ସକାଶେ ବ୍ରଜରାଜନଗର ପୌରପରିଷଦ ତରଫରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଏଥି ନିମନ୍ତେ ବ୍ରଜରାଜନଗ ପୌରପରିଷଦ ଅନ୍ତର୍ଗତ ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଓ ଆଞ୍ଚଳିକ ସ୍ତରୀୟ ମହିଳା ମହାସଂଘ ଗୁଡ଼ିକୁ ଜଣାଇ ଦିଆଯାଉଅଛି କି ମିଶନ ଶକ୍ତି ଗୋଷ୍ଠୀ ର ଯେ କୌଣସି ସଦସ୍ୟା ଏହି ପ୍ରକ୍ରିୟା ରେ ଭାଗ ନେବା ପାଇଁ ଚାହୁଁଛନ୍ତି ସେ ଏହି ପ୍ରକ୍ରିୟା ରେ ଭାଗ ନେବା ସମୟରେ ମିଶନ ଶକ୍ତି ଗୋଷ୍ଠୀ ତରଫରୁ ଆବେଦନକାରୀ ସଦସ୍ୟା ଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀ ର ନକଲ, ପରିଶିଷ୍ଟ "କ" ରେ ପ୍ରଦାନ କରାଯାଇଥିବା "Basic Information of MSG With Acknowledgement From Bank" ସହ ନିମ୍ନ ଲିଖିତ ଦରକାରୀ ଦସ୍ତାବେଜ ସହ ତା ୨୬ /୦୫/୨୦୨୬ ରୁ ତା **୦୨ /୦୬ /୨୦୨୬** .ରିଖ ଅପରାହ୍ନ **୧** ଟା ସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ କିମ୍ବା ପୌରପରିଷଦ ର ଆବେଦନ ପତ୍ର ଦାଖଲ ପାଇଁ ଉଦ୍ଦିଷ୍ଟ ଥିବା ବାକ୍ସରେ ସିଧାସଳଖ ଭାବରେ ଜଳସାଥୀ ଚୟନ ନିମନ୍ତେ ଆବେଦନ ପତ୍ର ମୁଦ ଲଫାପାରେ ଦାଖଲ କରନ୍ତୁ। ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ଯଦି ଏକାଧିକ Mission Shakti Group ଆବେଦନକାରୀ ସଦସ୍ୟା ସମାନ ମାର୍କ ଅର୍ଜନ କରନ୍ତି, ତେବେ ଜଳସାଥୀ ଭାବେ ଅନ୍ତିମ ଚୟନ ଲଟେରୀ ପ୍ରକ୍ରିୟା ମାଧ୍ୟମରେ କରାଯିବ। ଲଫାପା ଉପରେ "ଜଳସାଥୀ ନିମନ୍ତେ ଆବେଦନ ପତ୍ର" ଲେଖାଥିବା ଆବଶ୍ୟକ।

**ଦରକାରୀ ଦସ୍ତାବେଜ:**

୧) ମିଶନ ଶକ୍ତି ଗୋଷ୍ଠୀ ସଭାନେତ୍ରୀ ଓ ସଂପାଦିକା ଙ୍କ ଆଧାର କାର୍ଡ ର ନକଲ

୨) ମିଶନ ଶକ୍ତି ଗୋଷ୍ଠୀଙ୍କ PAN କାର୍ଡ ର ନକଲ

୩) ମିଶନ ଶକ୍ତି ଗୋଷ୍ଠୀଙ୍କ ରେଜିଷ୍ଟ୍ରେସନ କପି ନକଲ

୪) ମିଶନ ଶକ୍ତି ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠା ଏବଂ ଶେଷ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ କପି ନକଲ

୫) ମିଶନ ଶକ୍ତି ଗୋଷ୍ଠୀଙ୍କ ରିଜୋଲୋସନ ଖାତାର ପ୍ରଥମ ପୃଷ୍ଠା ଓ ଶେଷ ୬ ମାସ ର ନକଲ

୬) ଆବେଦନକାରୀ ସଦସ୍ୟାଙ୍କ ଆଧାର କାର୍ଡ ର ନକଲ

୭) ଆବେଦନକାରୀ ସଦସ୍ୟାଙ୍କ ଶିକ୍ଷାଗତ ଯୋଗ୍ୟତାର ସମସ୍ତ ନକଲ

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବ୍ରଜରାଜନଗର ପୌରପରିଷଦ

**ପ୍ରତିପତ୍ର ସଂଖ୍ୟା:** ୧୨୨୪ **ତାରିଖ:** ୨୫.୦୫.୨୬

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ, ବ୍ରଜରାଜନଗର / ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ ବ୍ରଜରାଜନଗର ଉପଖଣ୍ଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରଜରାଜନଗର / ତହସିଲଦାର ବ୍ରଜରାଜନଗର ଙ୍କ ଅବଗତି ଓ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଟକା ଜାରି କରିବା ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବ୍ରଜରାଜନଗର ପୌରପରିଷଦ

ପ୍ରତିପତ୍ର ସଂଖ୍ୟା: ୧୫୫୪ ତାରିଖ: ୨୪.୦୪.୨୦୨୫

ଏହାର ଏକକିତା ନକଲ DIO, NIC ବ୍ରଜରାଜନଗର ଙ୍କୁ Website ରେ Upload କରିବା ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବ୍ରଜରାଜନଗର ପୌରପରିଷଦ

ପ୍ରତିପତ୍ର ସଂଖ୍ୟା: ୧୫୫୫ ତାରିଖ: ୨୪.୦୪.୨୦୨୫

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଝାରସୁଗୁଡ଼ା ଏବଂ ଜିଲ୍ଲାପାଳ ଝାରସୁଗୁଡ଼ା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବ୍ରଜରାଜନଗର ପୌରପରିଷଦ

**<u>ଜଳସାଥୀ ଚୟନ ନିମନ୍ତେ ଆବଶ୍ୟକ ଯୋଗ୍ୟତା:</u>**

୧) ଆବେଦନକାରୀ ସଦସ୍ୟା ଙ୍କ ବୟସ ୧୮ ରୁ ୪୫ ବର୍ଷ ହୋଇଥିବା ଆବଶ୍ୟକ।

୨) ଆବେଦନକାରୀ ସଦସ୍ୟା ଅନ୍ୟୁନ ଦୁଇବର୍ଷ ଧରି ସକ୍ରିୟ ସଦସ୍ୟା ଭାବରେ ମିଶନ ଶକ୍ତି ଗୋଷ୍ଠୀ ରେ କାମ କରିଥିବେ।

୩) ଆବେଦନକାରୀ ସଦସ୍ୟା ଙ୍କ ନାମରେ ପାସ ବୁକ୍ ସହିତ ଡେବିଟ କାର୍ଡ (ATM) ଥିବା ଆବଶ୍ୟକ।

୪) ଆବେଦନକାରୀ ସଦସ୍ୟା ନୂତନତମ ଦଶମ ଶ୍ରେଣୀ (ଶିକ୍ଷାଗତ ଯୋଗ୍ୟତା) ପାସ କରିଥିବା ଆବଶ୍ୟକ।

୫) ଆବେଦନକାରୀ ସଦସ୍ୟା କୌଣସି ଅସାମାଜିକ ମାମଲା ବା ରାଜନୈତିକ ସଂପୃକ୍ତି ନଥିବ।

୬) ଆବେଦନକାରୀ ସଦସ୍ୟା ଙ୍କ ବ୍ୟକ୍ତିଗତ ସ୍ମାର୍ଟ ଫୋନ ଥିବା ଆବଶ୍ୟକ।

୭) ଆବେଦନକାରୀ ସଦସ୍ୟା କୌଣସି ସରକାରୀ ଯୋଜନା ରେ କାର୍ଯ୍ୟ କରୁନଥିବେ

**<u>ସର୍ତ୍ତାବଳୀ:</u>**

ଏତଦ୍ଵାରା ବ୍ରଜରାଜନଗର ପୌରପରିଷଦ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ କୁ ଅବଗତ କରାଇ ଦିଆଯାଉଅଛି ଯେ ଜଳସାଥୀ ପଦବୀ ଟି ସଂପୂର୍ଣ୍ଣ ଭାବରେ ଚୁକ୍ତି ଭିତ୍ତିକ ନିଯୁକ୍ତି ଅଟେ। ଜନସ୍ଵାସ୍ଥ୍ୟ ବିଭାଗ, ବ୍ରଜରାଜନଗର ଦ୍ଵାରା ବ୍ରଜରାଜନଗର ସହରର ପ୍ରତ୍ୟେକ ପରିବାରକୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ବାବଦ କୁ ସରକାର ଙ୍କ ଦ୍ଵାରା ଧାର୍ଯ୍ୟ କରାଯାଇଥିବା ରାଶି କୁ ଅସୁଲ କରିବା , ମାସିକ ଜଳ ପରୀକ୍ଷା, ନୂତନ ପାନୀୟ ଜଳ ସଂଯୋଗ ସକାଶେ ସାତ ଗୋଟି (୦୭) ଜଳସାଥୀ ବ୍ରଜରାଜନଗର ପୌରପରିଷଦ ପାଇଁ ଆବଶ୍ୟକତା ଥିବା ଦୃଷ୍ଟିରୁ ଏବଂ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ଵାସ୍ଥ୍ୟ ଉପଖଣ୍ଡ ବ୍ରଜରାଜନଗର ଙ୍କ ପତ୍ର ସଂଖ୍ୟା **୩୮୦୧ ତା: ୦୯/୧୨/୨୦୨୬** ଅନୁଯାୟୀ **ସାତ(୦୭) ଗୋଟି** ଜଳସାଥୀ ଚୟନ କରିବା ପାଇଁ ସ୍ଥିର କରାଯାଇଛି। ଜଳସାଥୀ ମାନେ ଚୟନ ହେଲାପରେ ସଂପୂର୍ଣ୍ଣ ଭାବରେ ଜନସ୍ଵାସ୍ଥ୍ୟ ବିଭାଗ, ବ୍ରଜରାଜନଗର ଦ୍ଵାରା ପରିଚାଳିତ ହେବେ ଏବଂ ନିର୍ଦ୍ଦେଶ, ଉପଦେଶ, ନୀତି ଏବଂ ନିୟମ ଅନୁଯାୟୀ କାର୍ଯ୍ୟ କରିବେ। ଏହି ପଦବୀ ନିମନ୍ତେ ବିଜ୍ଞାପନ ରେ ଦିଆଯାଇଥିବା ଯୋଗ୍ୟତା, ଆବଶ୍ୟକୀୟ ଦସ୍ତାବେଜ ସହିତ MPOS Machine ପାଇବା ପାଇଁ ଏହାର Security Deposit ବାବଦକୁ ଟ. **୧୦,୦୦୦ /-** (ଦଶ ହଜାର ଟଙ୍କା) (ଫେରସ୍ତ ଯୋଗ୍ୟ) ହିସାବରେ ଜନସ୍ଵାସ୍ଥ୍ୟ ବିଭାଗ ର ଅଧିକାରୀ ଙ୍କ ନାମରେ deposit କରିବା ପାଇଁ ସମର୍ଥ ରହିଥିବା ଆବଶ୍ୟକ। ପରବର୍ତ୍ତୀ ସମୟରେ ଜଳସାଥୀ ମାନଙ୍କୁ ଜନସ୍ଵାସ୍ଥ୍ୟ ବିଭାଗ ବ୍ରଜରାଜନଗର ଦ୍ଵାରା ଆନୁଷ୍ଠାନିକ ଭାବରେ ନିଯୁକ୍ତି ପତ୍ର ଦେବା ସହିତ ଚୁକ୍ତି କରିବା ସଙ୍ଗେ ସଙ୍ଗେ ତାଲିମ ଦେବା ସହିତ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ।

**<u>ସରକାର ଙ୍କ ଦ୍ଵାରା ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି:</u>**

୧) ଜଳସାଥୀ ମାଧ୍ୟମରେ ଘରୋଇ (ଏକ ଗୋଟି ଘର) ନୂତନ ଜଳ ସଂଯୋଗ କରିବା ପାଇଁ ଟ. ୧୦୦ /- ଏବଂ ବ୍ୟବସାୟ ବା ବାଣିଜ୍ୟ ସମ୍ବନ୍ଧୀୟ ବ୍ୟବହୃତ ହେଉଥିବା ଗୋଟିଏ ଘର ପାଇଁ ନୂତନ ଜଳ ସଂଯୋଗ ବାବଦ କୁ ଟ. ୨୦୦ /- ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି।

୨) ପ୍ରତ୍ୟେକ ମାସରେ ଜଳସାଥୀ ଦ୍ଵାରା ଆଦାୟ କରାଯାଇଥିବା ମୋଟ ରାଶି ର ୫ % ପ୍ରତିଶତ ଜଳସାଥୀ ମାନଙ୍କୁ ପ୍ରଦାନ କରିବା ନିମନ୍ତେ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଛି ଯାହାକି ଜନସ୍ଵାସ୍ଥ୍ୟ ବିଭାଗ ତରଫରୁ ପ୍ରଦାନ କରାଯିବ।

୩) ପ୍ରତ୍ୟେକ ମାସରେ ଗୋଟିଏ ଜଳସାଥୀ ଙ୍କ ଦ୍ଵାରା ଅତି କମରେ ୧୦୦ ଥର ଜଳର ମାନ ବା ମାନ ଓ ଗୁଣ ପରୀକ୍ଷା କରାଯିବ ଏବଂ ଗୋଟିଏ ପରୀକ୍ଷା ବାବଦ କୁ ଜଳସାଥୀମାନଙ୍କୁ ଟ. ୨୦/- ହିସାବରେ ପ୍ରଦାନ କରାଯିବ।

ପରିଶିଷ୍ଟ " କ "

## Basic Information of MSG with Acknowledgement from Bank

Name of The SHG –

SHG Address –

Date of SHG Formation –    SHG Code –

Total Numbers of Members in SHG –

Present Livelihood Activities Undertaking –

Bank and Branch Name –

Bank Account Number –    IFSC Code –

Contact Number of SHG –

Funds Available in the Savings Bank Account –

a. Regular Savings (Yes / No) -

b. Amount of Savings -

c. Loan Taken from Bank (Yes / No) - ................ (If Yes, Loan Amount - .....................)

d. Mode of Loan Repayment (Regular / Irregular) –

e. Meeting Register Maintained (Yes / No) –

Seal & Signature of The SHG President    Seal & Signature of The SHG Secretary

Date:    Date:

## Acknowledgement from Bank

This is to Certify that the ............................................................. Mission Shakti Group of Brajrajnagar Municipality, Ward No ..........................., Account Number ........................................................... is having Regular Repayment of Loan / Non-Performing Asset / Not Availed any Loan.

Seal & Signature of The Bank Manager / Authorised Signatory

Date:

ପରିଶିଷ୍ଟ " ଖ "

## ASSESSMENT INDEX

| Sl NO | Assessment Parameter | Marks | Means of Verification | Remarks |
|---|---|---|---|---|
| 1 | Adherence to standard Practices of Group (Pancha Sutra) | 20 | Register & Bank Pass book of Mission Shakti Group | Regular Meeting – 4<br>Regular Saving – 4<br>Regular Internal lending – 4<br>Regular Repayment – 4<br>Regular Record keeping – 4 |
| 2 | No. of Active members | 10 | Register & Bank Pass book of Mission Shakti Group | 10 Active members = 10<br>7 to 9 Active members = 8<br>4 to 7 Active members = 6<br>Less than 4 Active member = 0 |
| 3 | Educational Qualification | 30 | Document verification | $10^{TH}$ Class = 10<br>Above 10th Class / +2 = 15 |
| 4 | Operate Android Mobile | 20 | Verification | |
| 5 | Interview | 20 | | |
| | | 100 | | |

# ବ୍ରଜରାଜନଗର ପୌରପରିଷଦ, ବ୍ରଜରାଜନଗର

## ଜଳସାଥୀ ପଦବୀ ନିମନ୍ତେ ଆବେଦନ ଫର୍ମ

| | | |
|---|---|---|
| 1 | ସଭ୍ୟା ଙ୍କ ନାମ | |
| 2 | ସଭ୍ୟା ବାସ କରୁଥିବା ଅଞ୍ଚଳର ସମ୍ପୂର୍ଣ୍ଣ ଠିକଣା | |
| 3 | ସଭ୍ୟା ଙ୍କ ବୟସ | |
| 4 | ନୂତନ ୱାର୍ଡ ସଂଖ୍ୟା | |
| 5 | ସ୍ୱୟଂ ସହାୟକ ଗୋଷ୍ଠୀ ର ନାମ | |
| 6 | ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ଠାରୁ ସଦସ୍ୟା ଅଛନ୍ତି? | |
| 7 | ସଭ୍ୟା ଙ୍କ ଶିକ୍ଷାଗତ ଯୋଗ୍ୟତା | |
| 8 | ସଭ୍ୟା ଙ୍କ ମୋବାଇଲ ନମ୍ବର | |

**ସଂକଳ୍ପନାମା:** ମୁଁ କୁମାରୀ/ଶ୍ରୀମତୀ ______________________________ ବାପା/ସ୍ୱାମୀଙ୍କ ନାମ ______________________ , ଘୋଷଣା କରୁଅଛି କି, ମୋର ନିଜର ସ୍ମାର୍ଟ ଫୋନ ଅଛି, ମୁଁ ବର୍ତ୍ତମାନ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନାହିଁ ଓ ମୋ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସଂପୃକ୍ତି ନାହିଁ। ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ପ୍ରସ୍ତୁତ ଅଛି।

ଆବେଦନକାରୀ ସଦସ୍ୟାଙ୍କ ସ୍ୱାକ୍ଷର

ସଂଲଗ୍ନ କରାଯାଉଥିବା ଆବଶ୍ୟକୀୟ ଦସ୍ତାବେଜ:

୧) ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ସାର୍ଟିଫିକେଟ ଓ ମାର୍କ ଶିଟ୍ ଉଭୟର ନକଲ)

୨) ଜନ୍ମ ତାରିଖର ପ୍ରମାଣ ପତ୍ର ର ନକଲ (ଆଧାର କାର୍ଡ)

୩)ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ସାମିଲ ହେଲେ ତାହାର ପ୍ରମାଣ (ଅଧିବେଶନ ବିବରଣୀ)

୪) ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସଦସ୍ୟାଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀର ନକଲ

୫) ବ୍ୟକ୍ତିଗତ ବ୍ୟାଙ୍କ ପାସ ବୁକ ର ନକଲ

୬) ପାସପୋର୍ଟ ଫଟୋ - ୧ ଟି

ସମ୍ପାଦିକାଙ୍କ ଦସ୍ତଖତ ଓ ମୋହର

ସଭାନେତ୍ରୀଙ୍କ ଦସ୍ତଖତ ଓ ମୋହର